## ବାଲି ବୋଝେଇ ଟ୍ରାକ୍ଟର ଜବତ

କୁଆମରା, (ଡି.ଏନ.ଏ.): ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ରାସ୍ତାରେ ଶନିବାର ପୂର୍ବାହ୍ନରେ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯିବା ସହ ରାଜସ୍ୱ ବିଭାଗ ୧୩ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସୋନ ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ସାଇଁକୁଳା -ସିରାଥଳୀ ରାସ୍ତା ଦେଇ ଆସୁଥିବା ବେଳେ ଜୟପୁର ରାଜସ୍ୱ ନିରୀକ୍ଷକ ଖବର ପାଇ ଅଟକାଇଥିଲେ। କାଗଜପତ୍ର ଯାଞ୍ଚ କରିବା ସହ ଜରିମାନା ଆଦାୟ କରାଯାଇଥିଲା। ତେବେ ଗାଡିର ମାଲିକ ପୂର୍ଣ୍ଣଚନ୍ଦ୍ର ବେହେରା ବୋଲି ଜଣାପଡିଛି।

# ଦୃଷ୍ଟି ଆଢୁଆଳରେ ଜୈବ ନିୟନ୍ତ୍ରଣ ପ୍ରୟୋଗଶାଳା

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୦।୯

ବାଲେଶ୍ୱର ବାଲିଆ ଅଞ୍ଚଳର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ପରିସରରେ ରହିଥିବା ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ଏବେ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହି ପ୍ରୟୋଗଶାଳାରେ ପରାଶ୍ରୟୀ କୀଟକୁ କୃତ୍ରିମ ଉପାୟରେ ବଂଶବିସ୍ତାର କରାଯାଇ ଚାଷୀମାନଙ୍କୁ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ଜିଲାର ରେମୁଣା, ଜଳେଶ୍ୱର ଓ ବାଲେଶ୍ୱର ସଦର ବ୍ଲକର କାଁ ଭାଁ ଚାଷୀଙ୍କୁ ଛାଡ଼ିଦେଲେ ଏହି ଯୋଜନା ବିଷୟରେ କେହି ଜାଣିନାହାନ୍ତି। ଏ ଦିଗରେ କୃଷି ବିଭାଗ ପକ୍ଷରୁ ଆଖିଦୃଶିଆ ସଚେତନତା କରାଯାଉ ନ ଥିବାରୁ ଏହି ଯୋଜନା ଚାଷୀଙ୍କ ହିତରେ ଲାଗିପାରୁନାହିଁ।

କ୍ଷେତରେ ଫସଲକୁ କ୍ଷତି କରୁଥିବା କୀଟକୁ ଦମନ କରିବା ପାଇଁ ମିତ୍ର ବା ପରାଶ୍ରୟୀ କୀଟ ରହିଛନ୍ତି। କ୍ଷେତରେ ରାସାୟନିକ କୀଟନାଶକ ପ୍ରୟୋଗ ବିନା ସଫଳତାର ସହିତ ଶତ୍ରୁକୀଟର ବିନାଶ ଏହି ମିତ୍ର ବା ପରାଶ୍ରୟୀ କୀଟ ଜରିଆରେ ହୋଇପାରିବ। ସାଧାରଣତଃ

### କାମରେ ଲାଗୁନି ପରାଶ୍ରୟୀ କୀଟ

ଏହି ପରାଶ୍ରୟୀ କୀଟ ଦୁଇ ପ୍ରଜାତିର। ପ୍ରୟୋଗଶାଳାରେ ଦୁଇ ପ୍ରଜାତିରୁ ପ୍ରସ୍ତୁତ ହେଉଥିବା ଟ୍ରାଇକୋ କାର୍ଡ ଚାଷୀଙ୍କୁ ମାତ୍ର ୫ଟଙ୍କାରେ ଦିଆଯାଉଛି। ଏହି କାର୍ଡକୁ କ୍ଷେତରେ ଲଗାଇବାର କିଛି ଘଣ୍ଟା ପରେ ଏଥିରୁ ଛୋଟ ଛୋଟ ପୋକ ବାହାରି ଶତ୍ରୁକୀଟ ଯଥା କାଣ୍ଡବିନ୍ଧା, ପତ୍ରପୋଡ଼ା, ନୀଳପୋକ, ବକରାବିନ୍ଧା ପୋକ, ଅଣ୍ଡାକୁ ଖାଇ ନଷ୍ଟ କରିଥାନ୍ତି। ଆଉ ସେଠାରେ ନିଜର ଅଣ୍ଡା ଫୁଟାଇ କ୍ଷେତରେ ଧୀରେ ଧୀରେ ଶତ୍ରୁକୀଟକୁ ବିନାଶ କରିଥାନ୍ତି। ଗୋଟିଏ ଏକର ଫସଲରେ ୨/୩ଟି ଟ୍ରାଇକୋ କାର୍ଡ ପ୍ରୟୋଗ ଶତ୍ରୁକୀଟ ଦମନ ପାଇଁ ଯଥେଷ୍ଟ। ରୋଗ ଦମନକାରୀ କୀଟ ପାଇଁ ବର୍ଷକୁ ସରକାରଙ୍କ ପକ୍ଷରୁ ୪ହଜାର ଟାର୍ଗେଟ୍ ଆସୁଛି। ସେତିକି ମଧ୍ୟ ପୂରଣ କରିବା ବିଭାଗ ପକ୍ଷରେ କାଠିକର ପାଠ ହୋଇଯାଉଛି। ଫଳରେ ବହୁ ସମୟରେ ଚାଷୀଙ୍କୁ ମାଗଣାରେ


ପରାଶ୍ରୟୀ କୀଟ ରହୁଥିବା ବାକ୍ସ।

ଦିଆଯାଉଛି। ବ୍ଲକସ୍ତରରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏହି ଯୋଜନା ଠିକ୍‌ରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଚାଷୀମାନେ ଜିଲା ଅଫିସ୍‌କୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯେଉଁ ପ୍ରୟୋଗଶାଳା ରହିଛି ତାହା ବି ଦୟନୀୟ ଅବସ୍ଥାରେ ଚାଲିଛି। ମାତ୍ର ଜଣେ ଲାବ୍ ଆସିଷ୍ଟାଣ୍ଟ ରହିଥିବା ବେଳେ ଜଣେ ଅଧିକାରୀ ରହିଛନ୍ତି। ତେଣୁ ସମସ୍ତ ବ୍ଲକକୁ ଯାଇ ଏ ଦିଗରେ ଚାଷୀଙ୍କୁ ସଚେତନ କରିବା ସମ୍ଭବପର ହେଉନାହିଁ।

ପ୍ରୟୋଗଶାଳାରେ ଲାଗିଥିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (ଏସି) କାହିଁ କେଉଁ ଦିନରୁ ଅଚଳ ଅବସ୍ଥାରେ ରହିଛି। ଫଳରେ ଖରାଦିନେ ଗରମ ସହି ନ ପାରି ବାକ୍ସରେ ରହୁଥିବା ପରାଶ୍ରୟୀ କୀଟଗୁଡ଼ିକ ମରିଯାଉଛନ୍ତି। ସେହିପରି କୀଟ ପାଇଁ ଖାଦ୍ୟ (ମକା) ଆବଶ୍ୟକ ଥିବାବେଳେ ଏହାକୁ କିଣିବାକୁ ମଧ୍ୟ ପାଣ୍ଠି ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ କୋଠା ଅବସ୍ଥା ଶୋଚନୀୟ। ବିଭାଗକୁ ଆବଶ୍ୟକ ମୁତାବକ ପାଣ୍ଠି ଆସୁ ନ ଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଏହାର ପ୍ରଚାର ପ୍ରସାର କରାଯାଇପାରିଲେ ବାଲେଶ୍ୱର ଭଳି ଏକ କୃଷିବହୁଳ ଜିଲାର ବହୁ ଚାଷୀ ଏଥିରୁ ଉପକୃତ ହୋଇପାରନ୍ତେ। ଏନେଇ ଜିଲା କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ କହିଛନ୍ତି, ଜଣେ ଷ୍ଟାଫ୍ ଅଛନ୍ତି। ଭିତ୍ତିଭୂମି ଓ କର୍ମଚାରୀ ଅଧିକ ନ ଥିବାରୁ ଏହି ପରାଶ୍ରୟୀ କୀଟର ପ୍ରଜନନ ଅଧିକ ହୋଇପାରୁନାହିଁ। ଅନ୍ୟପକ୍ଷରେ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି। ଚଳିତବର୍ଷ ଜିଲାରେ ହେବାକୁ ଥିବା ପ୍ରତ୍ୟେକ କୃଷି ବିଭାଗର ବୈଠକରେ ସମସ୍ତ କର୍ମଚାରୀଙ୍କ ସହ ଚାଷୀମାନଙ୍କୁ ମଧ୍ୟ ଏହି ପରାଶ୍ରୟୀ କୀଟର ଉପକାରିତା ସମ୍ପର୍କରେ ଜଣାଯିବାର ସ୍ଥିର କରାଯାଇଛି। ଏହି ପରାଶ୍ରୟୀ କୀଟ ବର୍ଷସାରା ପ୍ରଜନନ କରିଥାନ୍ତି। ମୁଖ୍ୟତଃ ଧାନ ଚାଷରେ ଲାଗୁଥିବା କାଣ୍ଡବିନ୍ଧା ପୋକର ଅଣ୍ଡାଗୁଡ଼ିକୁ ସହଜରେ ନଷ୍ଟ କରି ଚାଷକୁ ଉଦ୍ଧାର କରିଥାଏ। ଜିଲାରେ ଧାନ ଚାଷ ମୁଖ୍ୟ ହୋଇଥିବାରୁ ଏହି ପ୍ରକଳ୍ପ ଅଧିକ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।

## ଡାକ୍ତରଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ଚମ୍ପୁଆ, ୧୦।୯ (ଡି.ଏନ୍.ଏ)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକ ଦୁର୍ବ୍ୟବହାର କରିଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଜଣେ ଯୁବତୀ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳରେ ଯାତ୍ରା ଚାଲୁଥିବା ବେଳେ ସେଠାରେ ନାଚୁଥିବା ଧୁଷୁରୀ ଥାନା ଅନ୍ତର୍ଗତ ଅଜମତପୁର ଗ୍ରାମର ଦୀପକ ବିଶ୍ୱାଳ ଓ ଜଣେ ଯୁବତୀ ପଡ଼ିଯାଇ ଆହତ ହୋଇଥିଲେ। ରାତିରେ ସେମାନେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସିଥିଲେ। ଡାକ୍ତର ଜ୍ୟୋତିରଞ୍ଜନ ମଲିକ ତାଙ୍କୁ ଚିକିତ୍ସା କରୁଥିବା ବେଳେ ସେମାନେ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ବିଷୟରେ ପଚାରି ଦୁର୍ବ୍ୟବହାର କରିଥିଲେ। ଡାକ୍ତର ମଲିକ ଏହି ଘଟଣା ବିଷୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ନଜରକୁ ଆଣିବା ପରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶନିବାର ଅଭିଯୁକ୍ତ ଦୀପକଙ୍କୁ ଗିରଫ କରିକୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଡମ୍ପରକୁ ଧକ୍କା ଦେଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ
### ୧୮ ଗୋରୁ ଉଦ୍ଧାର



ଜଳେଶ୍ୱର, ୧୦।୯(ଡି.ଏନ୍.ଏ.)-ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ନଂ. ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ବିଭିନ୍ନ ଯାନରେ ବ୍ୟାପକ ଗୋଚାଲାଣ ହେଉଛି। ଶନିବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ପୋଲିସ୍ ନାକା ପଏଣ୍ଟଠାରେ ବାଲି ବୋଝେଇ ଡମ୍ପରକୁ ପଛପଟୁ ଧକ୍କା ଦେଇଛି। ପିକ୍‌ଅପ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ୧୮ଗୋରୁକୁ ଉଦ୍ଧାର କରିଛି।

ସୁବର୍ଣ୍ଣରେଖା ନଦୀପୋଲଠାରେ ଥିବା ପୋଲିସ ନାକାପଏଣ୍ଟ ନିକଟରେ ବାଲି ଡମ୍ପର(ନଂ.ଓଆର୍୧୬ସି-୫୨୧୩)କୁ ଯାଞ୍ଚ କରାଯାଉଥିବା ବେଳେ ପଛପଟୁ ଦ୍ରୁତଗତିରେ ଆସୁଥିବା ଗୋରୁ ବୋଝେଇ ପିକ୍‌ଅପ୍ (ନଂ. ଓଡି୦୪ଡି୪୦୧୯) ଧକ୍କା ଦେଇଥିଲା। ପୋଲିସ ଓ ଡମ୍ପର ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୋଲିସ ପିକ୍‌ଅପ ଡ୍ରାଇଭରଙ୍କୁ ଧରିବା ପୂର୍ବରୁ ସେ ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ପିକ୍‌ଅପରେ ଚାଲାଣ ହେଉଥିବା ୧୮ଟି ଗୋରୁକୁ ଉଦ୍ଧାର କରି ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇଛି।

### କୁପାରୀ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

ଖଇରା, ୧୦।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ୭ନଂ. ୱାର୍ଡରେ ଥିବା ଭାଗବତ ଟୁଙ୍ଗିର ୬୦ତମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ଓ ଚନ୍ଦ୍ରକାନ୍ତ ପାଣିଗ୍ରାହୀଙ୍କ ଦ୍ୱାରା ଭାଗବତ ପାଠ କରାଯାଉଛି। ଗ୍ରାମର ସୁରେନ୍ଦ୍ର ପଣ୍ଡା, ଗଜେନ୍ଦ୍ର ଜେନା, ଗଜେନ୍ଦ୍ର ଗାହାଣ, ରଣଜିତ୍ ପଣ୍ଡା, ମାନସ ଗାହାଣ, ତ୍ରିଲୋଚନ ଗାହାଣ, ସନ୍ତୋଷ ପଣ୍ଡା ଓ ବଟକୃଷ୍ଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ୧୬ତାରିଖ ପର୍ଯ୍ୟନ୍ତ ଭାଗବତ ପାରାୟଣ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଅଛି।

### ସଡ଼କ ଦୁର୍ଘଟଣାରେ ବିଜେଡି କର୍ମୀଙ୍କ ମୃତ୍ୟୁ

ଚାନ୍ଦବାଲି,୧୦।୯(ଡି.ଏନ.ଏ.)-ଭଦ୍ରକ ଜିଲା ଧାମରା ଜୋନ୍ କରଞ୍ଜମାଳ ପଞ୍ଚାୟତର ବିଜେଡି କର୍ମୀ ତଥା ଚାନ୍ଦବାଲି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଜୟନ୍ତ



ବେହୁରା(୫୨)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଧାମରା ନରସିଂହପୁର ଗ୍ରାମର ଏକ ଏକାଦଶାହ କାର୍ଯ୍ୟରେ ଯୋଗଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ଜାଗୁଲା ପଞ୍ଚାୟତ ଅଫିସ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ରାସ୍ତା ତଳକୁ ଓଲଟି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧାମରା ମେରାଇନ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା (ନଂ.୩୭/୨୨) ରୁଜୁ କରାଯାଇଛି।

### ବୈତରଣୀରେ ମହିଳା ନିଖୋଜ

ଭଣ୍ଡାରିପୋଖରୀ, ୧୦।୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ପଞ୍ଚାୟତ ରଘୁନାଥପୁରଠାରେ ଫୁଲ ଧଳ ନାମ୍ନୀ ମହିଳା ଶନିବାର ବୈତରଣୀ ନଦୀରେ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଫୁଲ ସକାଳେ ସ୍ଥାନୀୟ ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ନଦୀର ଆଖୁଆ ସାହି ତୁଠରେ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଧୁଆ ତୁଠରେ ତାଙ୍କ ପିନ୍ଧା ଶାଢ଼ୀ ଓ ଚୁଡ଼ି ଦେଖିବାକୁ ପାଇଥିଲେ। ସେ ନଦୀରେ ଭାସି ଯାଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଏହାପରେ ଖବରପାଇ ଦମକଳ ବାହିନୀ ପହଞ୍ଚି ନଦୀରେ ସନ୍ଧ୍ୟା ଯାଏ ଖୋଜାଖୋଜି କରିଥିଲେ ମଧ ଫୁଲଙ୍କୁ ପାଇପାରି ନାହାନ୍ତି।

# ଜଙ୍ଗଲରେ ଚାଲିଥିଲା ଲୁଟ୍ ଯୋଜନା

ବୈଶିଙ୍ଗା,୧୦।୯ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଁଳା ପଞ୍ଚାୟତ ହରିପୁର ଜଙ୍ଗଲରେ ଶୁକ୍ରବାର ସନ୍ଧ୍ୟାରେ ୫ଜଣ ଦୁର୍ବୃତ୍ତ ଲୁଟ୍ ଯୋଜନା କରୁଥିଲେ। ବୈଶିଙ୍ଗା ପୋଲିସ ଚଢ଼ାଉ କରି ୩ଜଣଙ୍କୁ କାବୁ କରିଛି। ପୋଲିସ ସେମାନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ବଡଜହଡା ଗ୍ରାମର ଗଣେଶ୍ୱର ମହାନ୍ତି (୨୦), ଆଗ୍ରିଆ ଗ୍ରାମର ସୁବ୍ରତ ଗିରି (୨୩) ଏବଂ ବାଲେଶ୍ୱର ଟାଉନ ଥାନା ପୁରୁଣା ବାଲେଶ୍ୱରର ଗୋପାଳ ମାଝି(୪୮)। ଏଥିସହ ପୋଲିସ ୬

### ୩ ଗିରଫ, ୬ ବାଇକ୍ ଜବତ

ଚୋରି ବାଇକ୍ ଜବତ କରିଛି। ଏମାନେ ଜାମିନରେ ଆସି ବାରମ୍ବାର ଲୁଟ୍ ସହ ବାଇକ୍ ଚୋରି କରୁଥିଲେ ବୋଲି ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୈଶିଙ୍ଗା ଥାନାଧିକାରୀ ମିଶ୍ର ଓ ଏସ୍‌ଆଇ ସୁମନ୍ତ ସେଠୀ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଦୁଇଟି ବାଇକ୍ ଛାଡ଼ି ୫ଜଣ ଦୌଡ଼ି ପଳାଉଥିବା ବେଳେ ସ୍ଥାନୀୟ ଯୁବକଙ୍କ ସହାୟତାରେ ଗଣେଶ୍ୱର ଓ ସୁବ୍ରତଙ୍କୁ ପୋଲିସ ଧରିଥିଲା। ସେମାନଙ୍କଠାରୁ ଲୁହା ପାଇପ୍, ଛୁରୀ, ଲୁହାରଡ୍ ଓ ମଦ ବୋତଲ ଜବତ କରିଥିଲା। ସେମାନେ ବ୍ୟବହାର କରୁଥିବା ବାଇକ୍ ଦୁଇଟି ଭଦ୍ରକ ଅଞ୍ଚଳର ଚୋରି ବାଇକ୍ ବୋଲି ଜଣାପଡ଼ିଛି। ସେମାନଙ୍କ ବୟାନ ଅନୁଯାୟୀ ପୋଲିସ ବାଲେଶ୍ୱରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢ଼ାଉ କରିଥିଲା। ବିଳମ୍ବିତ ରାତିରେ ଗୋପାଳଙ୍କୁ ଧରିବା ପରେ ତାଙ୍କ ନିକଟରୁ ଆଉ ୪ ଚୋରା ବାଇକ୍ ମଧ୍ୟ ଜବତ କରିଥିଲା। ୩ ଅଭିଯୁକ୍ତଙ୍କ ନାଁରେ ବାଲେଶ୍ୱର, ରୂପ୍‌ସା ଓ ବସ୍ତା ଥାନାରେ ପୂର୍ବରୁ ୧୨ଟି ମାମଲା ରହିଛି। ବୈଶିଙ୍ଗା ଥାନାରେ ମାମଲା (ନଂ.୨୬୭/୨୨) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ଦାଶ କହିଛନ୍ତି।

## ଟ୍ରକ୍‌କୁ ପିଟିଲା ଡମ୍ପର, ଡ୍ରାଇଭର ଗୁରୁତର

ରୂପସା, ୧୦।୯(ଡି.ଏନ.ଏ.)

ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଜୁଣବଳଦା ନିକଟରେ ଶନିବାର ସଡ଼କ ଦୁର୍ଘଟଣା ଘଟିଛି। ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଡମ୍ପର ଜୁଣବଳଦା ନିକଟରେ ଛିଡ଼ା ହୋଇଥିବା ଏକ ପାନପତ୍ର ବୋଝେଇ ଟ୍ରକର ପଛପଟୁ ଧକ୍କା ଦେଇଥିଲା। ଫଳରେ ଡମ୍ପର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତ ଡ୍ରାଇଭରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୀର୍ଘ ସମୟ ଧରି ରାଜପଥରେ ଯାତାୟାତ ବନ୍ଦ ରହିଥିଲା। ବସ୍ତା ଥାନା, ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସ ଓ ଜାତୀୟ ରାଜପଥ ପାଟ୍ରୋଲିଂ କର୍ମଚାରୀ ପହଞ୍ଚି ପରିସ୍ଥିତି ସ୍ୱାଭାବିକ କରାଇଥିଲେ। ରାଜପଥ ରିକଭରି ଭ୍ୟାନ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡମ୍ପର, ଟ୍ରକ୍‌କୁ ଥାନାକୁ ନେଇଥିବା ଜଣାଯାଇଛି।

### ସହପାଠୀଙ୍କ ଟାହିଟାପରା ଅସହ୍ୟ ହେଲା

## ବିଷ ପିଇଦେଲେ ଆଇଟିଆଇ ଛାତ୍ର

ଭଦ୍ରକ ଅଫିସ, ୧୦।୯

ସାଙ୍ଗମାନଙ୍କ ଟାହିଟାପରା ସହି ନ ପାରି ଏକ ଘରୋଇ ଆଇଟିଆଇ କଲେଜ ଛାତ୍ର ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶୁକ୍ରବାର ରାତିରେ ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଛାତ୍ରଜଣଙ୍କ ହେଲେ ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତ ସାନ୍ତରାପୁର ଛନ୍ଦାସାହିର ଭକ୍ତହରି ମଲ୍ଲିକଙ୍କ ପୁଅ ଆଶୁତୋଷ(୨୦)। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଆଶୁତୋଷ ମାଟ୍ରିକ୍ ପାସ୍ କରିବା ପରେ ପାଠ ନ ପଢ଼ି ଘରେ ରହିଯାଇଥିଲେ। ଦୁଇବର୍ଷ ପରେ ଚଳିତବର୍ଷ ସେ ଉକ୍ତ ଘରୋଇ ଆଇଟିଆଇ କଲେଜର ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଘରୁ ବାହାରକୁ ପଳାଇଥିଲେ। ରାତି ପ୍ରାୟ ୯ଟା ବେଳକୁ ଘର ନିକଟସ୍ଥ ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ସେମାନଙ୍କୁ ଖବର ଦେଇଥିଲେ। ସେମାନେ ଡାକ୍ତରଖାନାରେ ପହଞ୍ଚିବା ପରେ ଆଶୁତୋଷ ବିଷପିଇ ଦେଇଥିବା ଜାଣିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଶନିବାର ସକାଳେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଉକ୍ତ ରାସ୍ତାରେ ଆଶୁତୋଷଙ୍କ ନିକଟରୁ ଏକ କାଗଜ ମିଳିଛି, ଯେଉଁଥିରେ ସେ ଲେଖିଛନ୍ତି ଯେ ଶୁକ୍ରବାର ଅପରାହ୍ନରେ ମା'ଙ୍କ ସହ ତିହିଡ଼ି ବଜାରକୁ ଯାଇଥିବା ବେଳେ ସେଠାରେ ସହପାଠୀମାନଙ୍କ ସହ ଦେଖା ହୋଇଥିଲା। ସେମାନେ ତାଙ୍କୁ ପାଠପଢ଼ାକୁ ନେଇ ଥଟ୍ଟା ପରିହାସ କରିଥିଲେ। ଏହି କାରଣରୁ ସେ ବିଷ ପିଇ ଦେଇଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ବେଳେ ତିହିଡ଼ି ପୋଲିସ ନିଜ ଆଡୁ ଘଟଣାର ତଦନ୍ତ କରିଛି। ଉକ୍ତ କଲେଜରେ ପହଞ୍ଚି ଆଶୁତୋଷଙ୍କ କେତେଜଣ ସହପାଠୀଙ୍କୁ ପଚରାଉଚରା କରିଛି। ତେବେ କୌଣସି ରାଗିଂ କରାଯାଇ ନ ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

# ଖଣି ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି

କେନ୍ଦୁଝର, ୧୦।୯ (ସ୍ୱ.ପ୍ର.)

ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତ କୋଡ଼ାକଳା ଗ୍ରାମରେ ଯୁମୁକା ପଥିପୋଷି ଆଇରନ ଓର ବ୍ଲକ ପାଇଁ ପରିବେଶ ମଞ୍ଜୁରୀ ସମ୍ପର୍କିତ ଜନଶୁଣାଣି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣିର ୩.୩୫ ନିୟୁତ ଟନ ବାର୍ଷିକ ଆଇରନ ଓର ଉତ୍ପାଦନ, ମୋଟ ଖନନ ୩.୯୮ ଏମ୍‌ଟିପିଏ ସହିତ ୦.୬୩ ଏମ୍‌ଟିପିଏ ବର୍ଜ୍ୟ, ୩ଟି ୨୫୦ ଟିପିଏଚ୍ ମୋବାଇଲ କ୍ରସିଂ ସେଟ, ୩୦୦ ଟିପିଏଚ କ୍ଷମତା ବିଶିଷ୍ଟ ୬ଟି ମୋବାଇଲ ସ୍କ୍ରିନିଂ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇଥିଲା। ୧୫୮.୫୦୯ ହେକ୍ଟର ପରିମିତ ମାଇନିଂ ଖଣି ଲିଜ୍ ରୁଙ୍ଗଟା ମାଇନ୍ସ ଲିଃ ପାଇବା ପରେ ପରିବେଶ ମଞ୍ଜୁରୀ ପାଇଁ ଏହି ଜନଶୁଣାଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ



ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଅନୁଷ୍ଠିତ ଜନଶୁଣାଣିରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ଉପସ୍ଥିତ ରହି ଲୋକଙ୍କ ମତାମତ ଶୁଣିଥିଲେ। ସମସ୍ତ ଲୋକ ଖଣି ଖନନ ପାଇଁ ସହମତି ପ୍ରକାଶ କରିବା ସହ ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଦାବି ଉପସ୍ଥାପନ କରିଥିଲେ। ଖଣି ଖନନ ହେଲେ ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ଯୁଗ୍ମ ଉପସଭାପତି (ମାଇନିଂ) ଅନନ୍ତ ଶଙ୍କର ମହାପାତ୍ର ସୂଚନା ଦେଇଥିଲେ। ଏହି ଜନଶୁଣାଣିରେ ବାଂଶପାଳ ତହସିଲଦାର ସପନ କୁମାର ସାହୁଙ୍କ ସମେତ କମ୍ପାନୀର ଉପସଭାପତି (ଏଚ୍‌ଆର ଏଣ୍ଡ ଆଡମିନ) ରାମୁ ଅଗ୍ରୱାଲ, ନିର୍ଦ୍ଦେଶକ ହିରକ ମଜୁମଦାର, ଯୁଗ୍ମ ଉପସଭାପତି (ଲଜିଷ୍ଟିକ) ଆରପି ସିଂ ଚୌଧୁରୀ, ସାଧାରଣ ପରିଚାଳକ (ଜନସମ୍ପର୍କ) ବିଶ୍ୱରଞ୍ଜନ ପାଢ଼ୀ, ସିନିୟର ଜିଏମ (ମାଇନିଂ) ଡି.କେ.ପରିଡା, ଏଜିଏମ କର୍ପୋରେଟ ଆଫାୟାର୍ସ ଶୁଭେନ୍ଦୁ କୁମାର ଚକ୍ର ଉପସ୍ଥିତ ଥିଲେ।

## ଅହିଂସା ରଥକୁ ସ୍ୱାଗତ

କୁଆମରା, ୧୦।୯ (ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ଅହିଂସା ରଥକୁ ଶନିବାର ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ସ୍ୱାଗତ କରାଯାଇଛି। ସକାଳ ୧୦ଟାରେ ଖୁଣ୍ଟା ଓ ଗୋପବନ୍ଧୁନଗରରେ ପହଞ୍ଚିବା ପରେ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ନେତୃତ୍ୱରେ କୁଶଳଦା, ଜୟପୁର, ସାଇଁକୁଳା, ପୁରୁଣା ବାରିପଦା ଓ କୁଆମରା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଯୁବ ଗୋଷ୍ଠୀ ବନ୍ଦାପନା କରି ରଥକୁ ସ୍ୱାଗତ କରିଥିଲେ। ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ର ମଧ୍ୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

## ଏନ୍ଏସିରେ ସ୍ୱଚ୍ଛତା ସଚେତନତା ରଥ ପରିକ୍ରମା

ଧାମନଗର, ୧୦।୯ (ସ୍ୱ.ପ୍ର.)

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଭଦ୍ରକ ଜିଲା ଧାମନଗର ଏନ୍ଏସିରେ ୱାର୍ଡସ୍ତରୀୟ ସ୍ୱତନ୍ତ୍ର ସଫେଇ ଅଭିଯାନ ଓ ସଚେତନତା ରଥ ପରିକ୍ରମା ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା ଏହାର ଶୁଭାରମ୍ଭ କରିଥିଲେ। ଉପାଧ୍ୟକ୍ଷ ୱାସିମ ଏଜଦାନୀ କାଦ୍ରୀ ଏବଂ ୧୧ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ, ସ୍ୱଚ୍ଛସାଥୀ ଏବଂ ସଫେଇ କର୍ମଚାରୀମାନଙ୍କ ସହଯୋଗରେ ସଚେତନତା ରଥ ଏନ୍ଏସି କାର୍ଯ୍ୟାଳୟରୁ ବାହାରି ବଜାର ଓ ପ୍ରତ୍ୟେକ ୱାର୍ଡ ପରିକ୍ରମା କରିଥିଲା। ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା, ଅଳିଆ ଆବର୍ଜନା ବାହାରେ ନ ପକାଇ ସବୁବେଳେ ଡଷ୍ଟବିନ ବ୍ୟବହାର କରିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

ଭଣ୍ଡାରିପୋଖରୀ, ୧୦।୯ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦା ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ବିକାଶ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୬୪ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଶିକ୍ଷକ ଜଗନ୍ନାଥ ମହାନ୍ତି , ହରେକୃଷ୍ଣ ଦୋବେଇ, ପ୍ରଶାନ୍ତ କୁମାର ନାୟକ, ଶଶୀଭୂଷଣ ନାୟକ, ନୀଳୋତ୍ପଳା ମହାନ୍ତି, ପରିଚାଳନା କମିଟି ସଭାପତି ସତ୍ୟଜିତ ସାମଲ, ଶିଶିର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।


ମାଳଦା ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀ ପୋଷାକ ଗ୍ରହଣ କରୁଛନ୍ତି।

# ପାନୀୟ ଜଳଯୋଗାଣ ନେଇ ଯନ୍ତ୍ରୀଙ୍କୁ ଘେରିଲେ

ବାରିପଦା ଅଫିସ, ୧୦।୯

ପାନୀୟଜଳ ସମସ୍ୟା ନେଇ ବାରିପଦା ମ୍ୟୁନସିପାଲଟି ୨ନଂ. ୱାର୍ଡବାସୀ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଛି। ଖୁବ୍‌ଶୀଘ୍ର ପିଇବା ପାଣି ବନ୍ଦୋବସ୍ତ କରିବା ସହିତ ଘରକୁ ପାନୀୟଜଳ ଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ୱାର୍ଡରେ ପାନୀୟଜଳ ଯୋଗାଣରେ ଏକ ବର୍ଷ ଧରି ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ଡିଆଇ ଛକଠାରୁ ବୁଢ଼ୀଖମାରୀ ପର୍ଯ୍ୟନ୍ତ ପାଇପ୍ ଫାଟିଯାଇଥିବାରୁ ଲୋକମାନେ ଡ୍ରେନରେ ଆସୁଥିବା ପାଣିକୁ ପିଉଛନ୍ତି । ବାରମ୍ବାର ପାଣି ପାଇପ ଫାଟିବା ଦ୍ୱାରା


ଉତ୍ୟକ୍ତ ଲୋକେ ଯନ୍ତ୍ରୀଙ୍କୁ ଅଟକ ରଖିଛନ୍ତି।

ଲୋକମାନେ ପାନୀୟଜଳରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପ୍ରତିକାର କରି ନ ଥିଲେ। ୪ ଥର ପାଣି ସାମ୍ପୁଲ ନେଇ ଚୁପ୍ ବସିଛନ୍ତି। ୩ ଦିନ ଧରି ପାଇପ ମରାମତି କାର୍ଯ୍ୟ ଚାଲୁଥିବାରୁ ଅଞ୍ଚଳବାସୀ ପିଇବାପାଣି ପାଇ ପାରିନାହାନ୍ତି । ସେହିପରି ଲୁହାପାଇପ ବଦଳରେ ପ୍ଲାଷ୍ଟିକ ପାଇପ୍ ବସୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବିଭାଗ ପକ୍ଷରୁ ୩ ଦିନ ଧରି ପାଣି ଟାଙ୍କି ଯୋଗାଇ ଦିଆଯାଇଥିଲେ ହେଁ ସେଥିରୁ ବାହାରୁଥିବା ପାଣି ପୂରା ହଳଦିଆ ହୋଇଥିବାରୁ ତାହା ପିଇବା ଅନୁପଯୋଗୀ ହୋଇପଡିଛି। ଉକ୍ତ ଘଟଣାକୁ ନେଇ ଅଭିଯୋଗ କରିବା ପରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ବାଣେଶ୍ୱର ନାଏକ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଯାଇଥିଲେ। ଉତ୍ୟକ୍ତ ଲୋକେ ଯନ୍ତ୍ରୀଙ୍କୁ ଅଟକ ରଖି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଜିଦ୍‌ରେ ଅଡି ବସିଥିଲେ । ତେବେ ଲୋକଙ୍କୁ ବୁଝାଶୁଝା କରିବା ସହିତ ସମସ୍ୟାକୁ ଖୁବଶୀଘ୍ର ସମାଧାନ କରାଯିବ ବୋଲି କହିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି । ତେବେ ପାନୀୟଜଳ ଯୋଗାଣରେ ବିଳମ୍ବ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ୱାର୍ଡବାସୀ ଶରତ ନାଏକ, ସନ୍ତୋଷ ନାଏକ କହିଛନ୍ତି।

## ହୋଟେଲରୁ ନାବାଳକ ଉଦ୍ଧାର

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୁଡିଗଡିଆର ଏକ ହୋଟେଲରୁ ଖଇରା ଚାଇଲ୍ଡଲାଇନ ସଦସ୍ୟମାନେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରିଛନ୍ତି । ସାହୁ ହୋଟେଲର ଉକ୍ତ ନାବାଳକ କାର୍ଯ୍ୟ କରୁଥିବା ସୂଚନା ମିଳିବା ପରେ ଚାଇଲ୍ଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସଭ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର ପ୍ରମୁଖ ପୋଲିସ ସହାୟତାରେ ଶନିବାର ଉକ୍ତ ହୋଟେଲକୁ ଯାଇ ନାବାଳକଙ୍କୁ ଉଦ୍ଧାର କରିଥିଲେ ।

## ସଂକ୍ଷେପରେ

### କମ୍ପାଉଣ୍ଡରଙ୍କ ପୁଅ ଏନ୍ଇଇଟିରେ ପାସ୍



କେନ୍ଦୁଝର ୧୦।୯ (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କମ୍ପାଉଣ୍ଡର ଅଜୟ କୁମାର ସାହୁଙ୍କ ଏକ ମାତ୍ର ପୁଅ ଆଦିତ୍ୟ ଚଳିତ ବର୍ଷ ଏନ୍ଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ବାପାଙ୍କ ଭଳି ଗରିବ ନିଷ୍ପେସିତ ଲୋକଙ୍କ ସେବା କରିବା ମନୋଭାବ ତାଙ୍କୁ ଏଭଳି ସଫଳତା ଦେଇଥିବା କହିଛନ୍ତି । ସେ ସମୁଦାୟ ୬୩୦ ମାର୍କ ରଖିଥିବା ବେଳେ ସର୍ବଭାରତୀୟ ସ୍ତରରେ ୯୧୯୩ ସ୍ଥାନରେ ଥିବା ଜଣାପଡିଛି ।

### ଜ୍ଞାନ ବିଜ୍ଞାନ ମେଳା ଉଦ୍ଯାପିତ

ପାଟଣା,୧୦।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍ତର ସମ୍ଭାଗସ୍ତରୀୟ (କେନ୍ଦୁଝର ଓ ମୟୂରଭଞ୍ଜ ଜିଲା) ଜ୍ଞାନବିଜ୍ଞାନ ମେଳା ଶନିବାର ଉଦଯାପିତ ହୋଇଛି। ଏହି ମେଳାରେ ବିଜ୍ଞାନର ୪୩ ଟି ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ ଓ ଗଣିତ ପ୍ରୟୋଗରେ ୧୮ ଜଣ, ବିଜ୍ଞାନ ଓ ଗଣିତ ପତ୍ରବଚନରେ ୩୦ଜଣ, ସଂସ୍କୃତ ଜ୍ଞାନ ଓ ପତ୍ରବଚନ ୧୯ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଅଧାପକ ଡ଼. କୁଳମଣି ପ୍ରଧାନ, ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର କୁମାର ରାଉଳ, ସମ୍ଭାଗ ସମ୍ପାଦକ ଗଙ୍ଗାଧର କର ଯୋଗ ଦେଇଥିଲେ। ଅଧାପକ ହୀରାଲାଲ ମହାନ୍ତ ଧନ୍ୟବାଦ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବାବାଜୀ ପଣ୍ଡା, କ୍ଷେତ୍ରମୋହନ ଦାଶ, ଜ୍ଞାନରଞ୍ଜନ ପାଢ଼ୀ, ଦେବକୀ ମହାନ୍ତ, ପ୍ରତ୍ୟୁଷ ରଞ୍ଜନ ସିଂହ , ଶିବଶଙ୍କର ଗିରି, ଗୋକୁଳ ଚନ୍ଦ୍ର ପାତ୍ର, ସୁଢ଼ଳ ଗିରି, ଭାସ୍କର ଚନ୍ଦ୍ର ପାତ୍ର, ପଦ୍ମାଳୟା ମିଶ୍ର, ନିରୁପମା ମହାନ୍ତ, ସଂଯୁକ୍ତା ପ୍ରହରାଜ, ଲୀଳାବତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ

ନୀଳଗିରି, ୧୦।୯(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତ ବିଜୁ ଜନତା ଦଳର ଜଣେ ପୁରୁଖା ନେତା କୁନା ପରିଡ଼ା ଓରଫ କମଳାକାନ୍ତ ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକେ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ଧରି ଯକୃତଜନିତ କାରଣରୁ ଅସୁସ୍ଥ



ଥିଲେ। ତାଙ୍କର ପରଲୋକ ଖବରପାଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡି ନେତା ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ତାପସ ପରିଡା, ରବୀନ୍ଦ୍ର ପରିଡା, ବିଜୟ ଲେଙ୍କାଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ ପୁଅ ଦେବାଶିଷ ପରିଡା ମୁଖାଗ୍ନି ଦେଇଥିଲେ।

### ଅବକାରୀ ଚଢ଼ାଉ, ୬ ଗିରଫ

ଖୁଣ୍ଟା, ୧୦।୯ (ଡି.ଏନ୍.ଏ)-ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢ଼ାଉ କରାଯାଇ ୬ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ମୋଟ ୭୪ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଅବକାରୀ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ଜାଲିଙ୍କ ନେତୃତ୍ୱରେ ଏଏସଆଇ ବିଜୟ କୁମାର ମହାନ୍ତ, କନଷ୍ଟେବଲ ତପନ ପରିଡ଼ା, ସମୟ ହାଁସଦା, ଦୀପାଞ୍ଜଳି ଦାଶ ଚଢ଼ାଉ କରିଥିଲେ। କୁଆମରା ଗ୍ରାମର କୃପାସିନ୍ଧୁ ସିଂଙ୍କ ନିକଟରୁ ୧୦ ଲିଟର, ଟିକାୟତପୁର ଗ୍ରାମର ସମବାରୀ ସିଂଙ୍କ ଠାରୁ ୧୨ ଓ ସେହି ଗ୍ରାମର ହରେନ୍ଦ୍ର ସାହୁଙ୍କଠାରୁ ୧୫ ଏବଂ ପୁରୁଣାପାଣି ଗ୍ରାମର ତସିଲ ମହାଲିଠାରୁ ୧୦, ମହୁଲିଆ ଗ୍ରାମରର ଦାଖିନ ସରେନଙ୍କ ଠାରୁ ୧୨ ଏବଂ କୁସୁମିଆଁ ଗ୍ରାମର ଶକୁନ୍ତଳା ଦାସଙ୍କ ଠାରୁ ୧୫ ଲିଟର ମହୁଲି ମଦ ଜବତ କରାଯାଇଥିଲା ।

# ତାମିଲନାଡୁରୁ ଖସିଆସିଲେ ୫, ଫସି ରହିଛନ୍ତି ୭

## ପାଣିକୋଇଲିରେ କାମ ଦେବାକୁ କହି ନେଇଯାଇଥିଲେ

ଯୋଡ଼ା, ୧୦।୯(ଡି.ଏନ.ଏ.)

କାହାକୁ ପାଣିକୋଇଲିରେ ତ କାହାକୁ ଭୁବନେଶ୍ୱରରେ କାମ ଦେବାକୁ କହି ନେଇଗଲେ ତାମିଲନାଡୁ। ଏତେ ଦୂରରେ କାମ କରିବାକୁ ମନା କରିବାରୁ ସେମାନଙ୍କୁ ମାଡ଼ ମାରିବା ସହ ମୋବାଇଲ, ଆଧାରକାର୍ଡ, ଭୋଟରକାର୍ଡ, ବ୍ୟାଙ୍କ ପାସ୍‌ବୁକ ଓ ଟଙ୍କା ଆଦି ଠିକାଦାର ଛଡ଼ାଇ ରଖିଥିଲେ ବୋଲି ସେଠାରୁ କୌଶଳକ୍ରମେ ଖସି ଆସିଥିବା ୫ଜଣ ଯୁବକ ଅଭିଯୋଗ କରିଛନ୍ତି। ସେମାନଙ୍କ ସହିତ ଯାଇଥିବା ଅନ୍ୟ ୭ଜଣ ଶ୍ରମିକ ଏବେବି ସେଠାରେ ଫସି ରହିଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ଆଣିବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଭୋଲବେଡ଼ା ଗ୍ରାମର ୧୨ ଜଣ ଯୁବକଙ୍କୁ ଯୋଡ଼ା ଖୁଣ୍ଟପାଣି ଗ୍ରାମର ଅଜୟ ମୁଣ୍ଡା ନାମକ ବ୍ୟକ୍ତି ପାଣିକୋଇଲି, ଭୁବନେଶ୍ୱର ଆଦି ସ୍ଥାନରେ ନିଯୁକ୍ତି ଯୋଗାଇ ଦେବା ଆଳରେ ବସ୍ ଯୋଗେ ଭୁବନେଶ୍ୱର ପଠାଇଥିଲେ। ସେଠାରୁ ବାଲୁଗାଁର ଅଜୟ ପରିଡ଼ା ନାମକ ବ୍ୟକ୍ତି ସେମାନଙ୍କୁ ପ୍ରଥମେ ବାଲୁଗାଁ ଓ ପରେ ୧୨ଜଣଙ୍କୁ ଟ୍ରେନ ଯୋଗେ ତାମିଲନାଡୁର ଚେନ୍ନାଇ ନେଇଥିଲେ। ଚେନ୍ନାଇରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ତିର୍ଚ୍ଛୀ ଅଞ୍ଚଳକୁ ନିଆଯାଇଥିଲା। ତିର୍ଚ୍ଛୀରେ ପୂର୍ବରୁ କାମ କରୁଥିବା ଶ୍ରମିକଙ୍କୁ ୮ ଘଣ୍ଟା ପରିବର୍ତ୍ତେ ଠିକାଦାର ୧୪ ଘଣ୍ଟା କାମ କରାଇବା ସହ ନିର୍ଯାତନା ଦେଉଥିବା ନେଇ ଜାଣିବାକୁ ପାଇଥିଲେ । ଫଳରେ ସେଠାରେ କାମ କରିବାକୁ ଅସମର୍ଥ ହେବା ସହ ସେମାନଙ୍କୁ ଛାଡ଼ି ଦେବାକୁ କହିଥିଲେ। ତେବେ ଏମାନଙ୍କୁ ଛାଡ଼ିବା ପରିବର୍ତ୍ତେ ଉଲଗ୍ନ କରି ମାଡ଼ ମରାଯାଇଥିଲା ବୋଲି ସେଠାରୁ ଖସିଆସିଥିବା ଶ୍ରମିକମାନେ କହିଛନ୍ତି। ୧୨ଜଣଙ୍କ ମଧ୍ୟରୁ ୫ଜଣ ନିଜ ଭିଟାମାଟିକୁ ଫେରିଆସିଥିବା ବେଳେ ୭ଜଣ ଏବେ ବି ତିର୍ଚ୍ଛୀରେ ଫସିରହିଛନ୍ତି। ଫେରିଥିବା ଶ୍ରମିକମାନେ ହେଲେ ଦୀପକ ଚାମ୍ପିଆ, ସୁମିତ ଚାମ୍ପିଆ, ସୁନୀଲ ମୁଣ୍ଡା, ଗମିଆ ମୁଣ୍ଡା ଓ ସୋନା ମୁଣ୍ଡା। ସେହିପରି ସେଠାରେ ଫସି ରହିଯାଇଥିବା ୭ ଜଣ ହେଲେ ବାଗୁନ ମୁଣ୍ଡା, ସୁନିଆ ମୁଣ୍ଡା, ମଥୁର ମୁଣ୍ଡା, ବୁଧୁ ମୁଣ୍ଡା, ଗଣେଶ ମୁଣ୍ଡା, ଜଗମୋହନ ମୁଣ୍ଡା ଓ ରତ୍ନା ମୁଣ୍ଡା। ଏନେଇ ପରିବାର ଲୋକଙ୍କ ପକ୍ଷରୁ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରାଯିବା ସହ ଫସିରହିଥିବା ଯୁବକମାନଙ୍କୁ ଫେରାଇ ଆଣିବାକୁ ନିବେଦନ କରାଯାଇଛି।

## ଅଯୋଗ୍ୟ ହିତାଧିକାରୀଙ୍କୁ ଋଣ ଦେଇ ପୂର୍ବତନ ମ୍ୟାନେଜର ଗିରଫ

ବାରିପଦା ଅଫିସ, ୧୦।୯

ଅଯୋଗ୍ୟ ହିତାଧିକାରୀଙ୍କୁ ଲକ୍ଷାଧିକ ଟଙ୍କା ଋଣ ପ୍ରଦାନ କରିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ. ୭୭୧/୨୨) ରୁଜୁ କରି ଅଭିଯୁକ୍ତ ବାରିପଦା ୧୭ ନଂ. ୱାର୍ଡ ବଳରାମପୁରର ମୁଚିରାମ କିସ୍କୁଙ୍କୁ ଗିରଫ କରିଛି। ଅଭିଯୁକ୍ତ କିସ୍କୁ ରକ୍ସି ରୋଡରେ ଥିବା ୟୁବିଆଇ ବାଙ୍କ ଶାଖାର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସମୟ ମଧ୍ୟରେ ସେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଅନୁକମ୍ପା ଦେଖାଇ ୬୫ଲକ୍ଷ ୬୦ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଡିଟରେ ତାହା ଜଣାପଡିବାରୁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ମ୍ୟାନେଜର ସୁବ୍ରତ ଦତ୍ତ ଟାଉନ ଥାନାରେ ମୁଚିରାମଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ମୁଚିରାମଙ୍କୁ ସହଯୋଗ କରିଥିବା ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର ସୋନାଲି ସୋରେନ, ସ୍ୱାମୀ ବିଚିତ୍ର ବେହେରା, ସୋନାଲିଙ୍କ ଭଉଣୀ ରୂପାଲୀ ସୋରେନ ଓ ଅନ୍ୟମାନଙ୍କୁ ଋଣ ଟଙ୍କା ପ୍ରଦାନ କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ହତ୍ୟାକାରୀ ସ୍ତ୍ରୀ, ଶାଶୁ କୋର୍ଟଚାଲାଣ

ମୋରଡା,୧୦।୯(ଡି.ଏନ୍.ଏ)

ମୋରଡା ଥାନା ଅନ୍ତର୍ଗତ ଟିଆଁସି ଲୋଧାସାହିର ନିର୍ମଳ ମଲିକ (୩୫)ଙ୍କ ମୃତଦେହ ଗାଁ ନିକଟ ପୋଖରୀ ତୁଠରୁ ପୋଲିସ ବୁଧବାର ଜବତ କରିଥିଲା। ତେବେ ନିର୍ମଳଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଘଟଣାର ରହସ୍ୟ ପର୍ଦ୍ଦାଫାସ କରିଛି। ନିର୍ମଳଙ୍କ ତୃତୀୟ ସ୍ତ୍ରୀ ଓ ଶାଶୁ ମିଶି ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ କହିଛି। ପୋଲିସ ସ୍ତ୍ରୀ ରୀନା, ଶାଶୁ ପଞ୍ଚମୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ରୀନାଙ୍କ ନାବାଳକ ପୁଅଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇଦେଇଛି।

ସୂଚନାଯୋଗ୍ୟ, ନିର୍ମଳଙ୍କ ତିନୋଟି ସ୍ତ୍ରୀ ଅଛନ୍ତି। ଟିଆଁସି ଗ୍ରାମର ତୃତୀୟ ସ୍ତ୍ରୀ ରୀନାଙ୍କ ଘରେ ରହୁଥିଲେ ନିର୍ମଳ। ରୀନା ମଧ୍ୟ ପୂର୍ବରୁ ବିବାହ କରିଥିଲେ। ବୁଧବାର ନିର୍ମଳ ନିଶାଗ୍ରସ୍ତ ହୋଇ ଘରକୁ ଆସିଥିଲେ।

**ପୋଖରୀ ନିକଟରୁ ମୃତଦେହ ଜବତ ଘଟଣା**

ଉଭୟ ପତି ପତ୍ନୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ରୀନା ଉତ୍କ୍ଷିପ୍ତ ହୋଇ ନିର୍ମଳଙ୍କୁ ଠେଲି ଦେଇଥିଲେ। ସେ ଏକ ଖୁଣ୍ଟରେ ପିଟିହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ରୀନା ଏକ ବାଡ଼ିରେ ନିର୍ମଳଙ୍କୁ ମାଡ଼ମାରି ବେକରେ ଗାମୁଛା ବାନ୍ଧି ଟାଙ୍ଗି ଦେଇଥିଲେ। ବିଳମ୍ବିତ ରାତିରେ ନିର୍ମଳଙ୍କ ବେକରୁ ଗାମୁଛା ବାହାର କରି ମା' ପଞ୍ଚମୀ ନାୟକ ଓ ନାବାଳକ ପୁଅ ସାହାଯ୍ୟରେ ଗାଁ ନିକଟସ୍ଥ ପୋଖରୀ ନିକଟରେ ମୃତଦେହ ଫିଙ୍ଗି ଦେଇଥିଲେ। ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ରୀନା ଏହି ଯୋଜନା କରିଥିଲେ ବୋଲି ପୋଲିସ କହିଛି। ପୋଲିସ ୨୩୬/୨୨ରେ ମାମଲା ରୁଜୁ କରି ରୀନାଙ୍କୁ ଆଇପିସି ୩୦୨,୨୦୧ଦଫା, ମା' ପଞ୍ଚମୀଙ୍କୁ ୨୦୧, ୩୪ ଦଫାରେ ଗିରଫ କରି କୋର୍ଟଚାଲାଣ କରିଛି।

# ଜେଲ ପରିସରରେ ହେବ କୋର୍ଟର ନୂତନ ଗୃହ

ବାରିପଦା ଅଫିସ, ୧୦।୯

ବାରିପଦାସ୍ଥିତ ଜିଲା ଓ ଦୌରାଜଜ୍ କୋର୍ଟ ସ୍ଥାନାନ୍ତର ନେଇ ଚାଲିଥିବା ବାଦବିବାଦର ଅନ୍ତ ଘଟିଛି। ବାରିପଦା ଜେଲ ପରିସରରେ ନୂତନ କୋର୍ଟ ଗୃହ ଏବଂ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ହେବା ନେଇ ସମ୍ପ୍ରତି ପ୍ରକାଶ ପାଇଛି । ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏବଂ ହାଇକୋର୍ଟ ରେଜିଷ୍ଟ୍ରାର ପ୍ରଭାକର ଗଣ୍ଡିଆ ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଜେଲ ପରିସରରେ ପ୍ରସ୍ତାବିତ କୋର୍ଟ କ୍ୟାମ୍ପସ ବୁଲି ଦେଖିବା ପରେ ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହିଠାରେ ହିଁ କୋର୍ଟ କ୍ୟାମ୍ପସ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ କୋର୍ଟକୁ ବାରିପଦା ତକତପୁରକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜିଲା ଓକିଲ ସଂଘ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ମାତ୍ର ଏହି ଜେଲ ପରିସରରେ କୋର୍ଟ କ୍ୟାମ୍ପସକୁ ଜିଲା ଓକିଲ ସଂଘ ମଧ୍ୟ ସ୍ୱାଗତ କରିଛନ୍ତି । ତେବେ ଖୁବଶୀଘ୍ର କୋର୍ଟ ସ୍ଥାନାନ୍ତର ନେଇ ସମସ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର କହିଛନ୍ତି ।



ହାଇକୋର୍ଟ ବିଚାରପତିଙ୍କ ସହ ଜିଲା ଓକିଲ ସଂଘର କର୍ମକର୍ତ୍ତା।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ଖଇରା, ୧୦।୯ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଗୋଳିହା ଗ୍ରାମରୁ ଗୁରୁବାର ରାତିରେ ୨ ପରିବାର ଲୋକଙ୍କ ଅନୁପସ୍ଥିତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଖଇରା ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛି । ଗ୍ରାମର ମହେଶ୍ୱର ନାୟକ ଓ ତାଙ୍କ ଭାଇ ଉଦୟ ନାୟକଙ୍କ ଘରୁ ଏହି ଚୋରି ହୋଇଥିବା କୁହାଯାଉଛି। ମହେଶ୍ୱର ଓ ତାଙ୍କ ସ୍ତ୍ରୀ ନୂଆପଡାରେ ଶିକ୍ଷକ ଚାକିରିରେ ଥିବା ଯୋଗୁ ସେଠାରେ ପରିବାର ସହ ରହୁଛନ୍ତି। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଝିଅ ବାହାଘର ପାଇଁ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇ ପଳାଇଥିଲେ । ସେହିଭଳି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟ ନାୟକ ଓ ତାଙ୍କ ସ୍ତ୍ରୀ କୌଣସି କାମରେ ଗୁରୁବାର ବାଲେଶ୍ୱର ଯାଇ ରାତିରେ ଫେରି ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି। ଏହାର ତଦନ୍ତ କରାଯାଉଛି ବୋଲି ଆଇଆଇସି ଗଣେଶ୍ୱର ପ୍ରଧାନ କହିଛନ୍ତି ।

# ଥାନାରେ ହାଜର ହେଲେ ଟେଣ୍ଟ ହାଉସ ମାଲିକ



ଥାନାରେ ହାଜର ହୋଇଥିବା ଟେଣ୍ଟ ହାଉସ ମାଲିକ।

ରୂପସା,୧୦।୯(ଡି.ଏନ.ଏ.)

ଶ୍ରୀ ଜଗନ୍ନାଥଙ୍କ ପ୍ରତିମାକୁ ପିକଅପ୍ ଭ୍ୟାନ ପଛପଟେ ବାନ୍ଧି ନିଆଯିବା ଭିଡ଼ିଓ ଭାଇରାଲ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ବସ୍ତା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୨୨୪/୨୨) ରୁଜୁ କରି ଘଟଣାକୁ ଗୁରୁତର ସହ ନେଇଛି। ଶନିବାର ଟେଣ୍ଟ ହାଉସ ମାଲିକ ଜଳେଶ୍ୱର ଗୋବରଘାଟା ପଞ୍ଚାୟତର ଗୌତମ ପ୍ରଧାନ ଥାନାରେ ହାଜର ହୋଇ ପୋଲିସ ଆଗରେ ବୟାନ ଦେଇଥିଲେ। ଗଣମାଧ୍ୟମ ସମ୍ମୁଖରେ ଜଗନ୍ନାଥଙ୍କ ପ୍ରତି ନିଜ କର୍ମଚାରୀମାନେ କରିଥିବା ଅସମ୍ମାନକୁ ପୁଣି ଭୁଲ୍ ମାଗି

**ଜଗନ୍ନାଥଙ୍କ ପ୍ରତିମାକୁ ଅସମ୍ମାନ ଘଟଣା**

**ପୁଣି ଭୁଲ୍ ମାଗିଲେ**

କ୍ଷମା ପ୍ରାର୍ଥନା କରିଥିଲେ। ଗୁରୁବାର ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥରେ ମହାପ୍ରଭୁ ଜଗନ୍ନାଥଙ୍କୁ ଶିବଶକ୍ତି ଟେଣ୍ଟହାଉସ୍ ସଂସ୍ଥାର କର୍ମଚାରୀ ଏକ ପିକଅପ୍‌ରେ ବାଉଁଶ ସହ ଜଗନ୍ନାଥଙ୍କ ପ୍ରତିମାକୁ ପଛପଟେ ବାନ୍ଧି ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ନେଉଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ବସ୍ତା କଂଗ୍ରେସର ଏକ ପ୍ରତିନିଧି ଦଳ ବସ୍ତା ଥାନାରେ ଏତଲା ଦେବା ପରେ ଶିବଶକ୍ତି ଟେଣ୍ଟହାଉସ୍ ସଂସ୍ଥା ମାଲିକ ଗୌତମ ପ୍ରଧାନ, ତାଙ୍କ ସ୍ତ୍ରୀ ଓ କର୍ମଚାରୀଙ୍କୁ ନେଇ ଜଳେଶ୍ୱର ଏକ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଶରଣାପନ୍ନ ହୋଇ କାନ ଧରି ଭୁଲ ମାଗିଥିଲେ। ବସ୍ତା ଥାନା ଆଇଆଇସି ବାରିଣୀ ଦାସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଟେଣ୍ଟ ହାଉସ ମାଲିକଙ୍କୁ ଠାବ କରିଥିଲେ। ମାଲିକ ଗୌତମ ପ୍ରଧାନ ବସ୍ତା ଥାନାରେ ପହଞ୍ଚି ଥାନା ଅଧିକାରୀ ବାରିଣୀ ଦାସ ଓ ଏଏସ୍ଆଇ ବୁଦ୍ଧିଆ ମୁର୍ମୁଙ୍କ ଉପସ୍ଥିତିରେ ତଦନ୍ତରେ ସହଯୋଗ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଥାନାରେ ଉପସ୍ଥିତ କରାଇବେ ବୋଲି ଟେଣ୍ଟ ହାଉସ ସଂସ୍ଥା ମାଲିକ ଆଇଆଇସିଙ୍କୁ କହିଥିଲେ।

# ପାରିବାରିକ ଗଣ୍ଡଗୋଳ, ଜଣେ ଗିରଫ

ସୋର, ୧୦।୯(ଡି.ଏନ୍.ଏ.)

ସୋର ବ୍ଲକ ମାଣତ୍ରୀରେ ଗତ ଏପ୍ରିଲରେ ହୋଇଥିବା ଏକ ପାରିବାରିକ ଗଣ୍ଡଗୋଳରେ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ନୋଟିସ ଦେଇ ଛାଡିଦେଇଛି। ଗ୍ରାମର ସାବିତ୍ରୀ ପଣ୍ଡା ଓ ତାଙ୍କ ପୁଅ ସୁଜିତ କୁମାର ପଣ୍ଡାଙ୍କ ସହ ସେହି ଗ୍ରାମର ରୀନା ପଣ୍ଡା, ନିରଞ୍ଜନ ପଣ୍ଡା, କମଳଲୋଚନ ପଣ୍ଡା ଏବଂ କିରଣ ପଣ୍ଡାଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସାବିତ୍ରୀଙ୍କ ସହ ତାଙ୍କ ପୁଅ ଆହତ ହୋଇଥିବା ସେହି ମାସ ୭ତାରିଖରେ ହୋଇଥିବା ଅଭିଯୋଗରେ ସୋର ପୋଲିସ ଏକ ମାମଲା(ନଂ.୧୬୨/୨୨) ରୁଜୁ କରିଥିଲା । ଏହି ଘଟଣାରେ କୌଣସି ପ୍ରତିକ୍ରିୟା ଦେଖା ନ ଯିବାରୁ ସୁଜିତ ଏବଂ ତାଙ୍କ ମା' ସାବିତ୍ରୀ ବାଲେଶ୍ୱର ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପରେ ଚଳିତ ମାସ ୮ତାରିଖରେ ସୋର ପୋଲିସ ଉକ୍ତ ବ୍ୟକ୍ତିମାନଙ୍କୁ ଥାନାରେ ପଚରାଉଚରା କରିଥିଲା । ରୀନା ପଣ୍ଡାଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ନୋଟିସ ଜରିଆରେ ଛାଡିଦେଇଥିବା ଜଣାଯାଇଛି।

# ବିନା କୋଚିଂରେ ସଫଳତା

**ଭଦ୍ରକ ଅଫିସ, ୧୦।୯:** ମା' ବାପା ସରକାରୀ ଚାକିରି କରୁଥିବାରୁ ଘରେ କେହି ରହନ୍ତି ନାହିଁ। ଏକୁଟିଆ ଘରେ ବସି ପଶୁପକ୍ଷୀଙ୍କ ମେଳରେ ସମୟ କଟାଇବା ସହ ପାଠପଢ଼ାରେ ଧ୍ୟାନ ଦେଇଥାନ୍ତି। ବିନା କୋଚିଂରେ ନିଜେ କଠୋର ପରିଶ୍ରମ କରି ନିଟ୍ ପରୀକ୍ଷାରେ ୬୪୦ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି ଭଦ୍ରକ ସହର ଚାରିଘରିଆର ସୁରେନ୍ଦ୍ର କୁମାର ପଣ୍ଡା ଓ ଜୟନ୍ତୀ କରଶର୍ମାଙ୍କ ସାନପୁଅ ଚନ୍ଦ୍ର ପ୍ରସାଦ ପଣ୍ଡା (୨୦)। ସେ ସର୍ବଭାରତୀୟ ର୍‌ୟାଙ୍କିଙ୍ଗ୍‌ରେ ୬୭୦୦ ସ୍ଥାନରେ ଅଛନ୍ତି। କଠୋର ପରିଶ୍ରମ ଓ ଅଧ୍ୟବସାୟ ପ୍ରଥମ ଥରରେ ତାଙ୍କୁ ଏହି ସଫଳତା ଦେଇଥିବା ସେ ପ୍ରକାଶ କରିଛନ୍ତି। ବାପା ବିଜ୍ଞାନ ଶିକ୍ଷକ ହୋଇଥିବା ବେଳେ ମା' ଜଣେ ହିନ୍ଦୀ ଶିକ୍ଷୟିତ୍ରୀ। ତାଙ୍କ ଗୁରୁ ତଥା ମା' ବାପା ଓ ବଡ଼ଭାଇ ସୂର୍ଯ୍ୟପ୍ରସାଦ ପଣ୍ଡାଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ଅଜା ପଣ୍ଡିତ ପୁରୁଷୋତ୍ତମ କରଶର୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦୁଃଖୀ, ଗରିବ ଓ ପଶୁପକ୍ଷୀଙ୍କ ସେବା କରିବା ସହ ଭବିଷ୍ୟତରେ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ଲକ୍ଷ୍ୟ ରଖିଥିଲେ। ଜଣେ ଭଲ ମେଡିସିନ ସ୍ପେଶାଲିଷ୍ଟ ହୋଇ ରୋଗୀସେବା କରିବେ ବୋଲି କହିଛନ୍ତି ଚନ୍ଦ୍ରପ୍ରସାଦ। ଏହା ପୂର୍ବରୁ



ଚନ୍ଦ୍ର ପ୍ରସାଦ ପଣ୍ଡା।

ସେ ଓୟୁଏଟି, ଓଜେଇଇ, ଆଇସିଏଆର୍ ଏଣ୍ଟ୍ରାନ୍ସରେ ସଫଳତା ପାଇଥିଲେ।

# 'ଶାନ୍ତିଲତା ଥିଲେ ଶିକ୍ଷା ଜଗତର ଶାନ୍ତିମୟୀ ମା'

ଭଦ୍ରକ ଅଫିସ,୧୦।୯

ଭଦ୍ରକ ଜିଲାର ବିଭିନ୍ନ ବିଦ୍ୟାଳୟରେ ଅସଂଖ୍ୟ ଛାତ୍ରୀଛାତ୍ରଙ୍କୁ ଜ୍ଞାନର ଆଲୋକ ବାଣ୍ଟିଥିବା ପୂର୍ବତନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ ଶିକ୍ଷା ଜଗତର ଶାନ୍ତିମୟୀ ମା' ଥିଲେ ବୋଲି ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଧୂଷୁରୀ ହରିହଂସ ଗ୍ରାମର ଶଶଧର ନାୟକଙ୍କ ସ୍ତ୍ରୀ ଶାନ୍ତିଲତାଙ୍କ ବିୟୋଗରେ ଭଦ୍ରକ ନୂଆବଜାରସ୍ଥିତ କର୍ମଚାରୀ ଭବନରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବାବୁଲା ରାଉତଙ୍କ ପୌରୋହିତ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପଦେଷ୍ଟା ଭାବେ ସଂଘ ପାଇଁ ଶାନ୍ତି ଦେବୀଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। ସଭାରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଂଯୋଜିକା ଚାରୁଲତା ମହାପାତ୍ର, ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ପୂର୍ବତନ ରାଜ୍ୟ ସଭାନେତ୍ରୀ ସୁରଜିତା ନାୟକ, ସଂଘର ଭଦ୍ରକ ଜିଲା ସଙ୍ଗଠନ ସମ୍ପାଦକ ସମୀର କୁମାର ଜେନା, ଜିଲା ସଂଘର ଉପସଭାପତି ଭାସ୍କର ଚନ୍ଦ୍ର ନାୟକ, ଅରୁଣ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ବୀରେନ୍ଦ୍ର ପ୍ରସାଦ ମାଝି, ରାଜେଶ ଦାସ, ପଦ୍ମନାଭ ମଲ୍ଲିକ, ମୁସ୍ତାକ ଅଲି ଖାଁ, ସେକ୍ ଇର୍‌ସାଦ ଅହମ୍ମଦ, ଜ୍ୟୋସ୍ନାରାଣୀ ମହାପାତ୍ର, ସୁପ୍ରୀତ ଖୁଣ୍ଟିଆ, ସସ୍ମିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ଦାସ ରାମଧୂନ ଗାନ କରି ସଭା ଶେଷ କରିଥିଲେ।



ଭଦ୍ରକ ନୂଆବଜାରସ୍ଥିତ କର୍ମଚାରୀ ଭବନରେ ଅନୁଷ୍ଠିତ ସ୍ମୃତିସଭା।

# 'ବାଲିଆପାଳରୁ ଦିଲ୍ଲୀ ଗଲେ ୭୫ସାଇକେଲ ଅଭିଯାତ୍ରୀ ଦଳ



ବାଲିଆପାଳ ଡାକବଙ୍ଗଳା ପରିସରରେ ସାଇକେଲ ଅଭିଯାତ୍ରୀ ଦଳ।

ବାଲିଆପାଳ, ୧୦।୯(ସ୍ୱ.ପ୍ର.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ଉପଲକ୍ଷେ ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ବାଘାଯତୀନଙ୍କ ବଳିଦାନ ଦିବସ ଶନିବାର ପ୍ରଦୂଷଣମୁକ୍ତ ଓ ଜନସଂଖ୍ୟା ନିୟନ୍ତ୍ରଣ ବାର୍ତ୍ତା ନେଇ ୭୫ଜଣ ସାଇକେଲ ଆରୋହୀ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ନୂଆଦିଲ୍ଲୀ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ବାଲିଆପାଳ ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରାଙ୍କ ନେତୃତ୍ୱରେ ବାହାରିଥିବା ଏହି ସାଇକେଲ ଅଭିଯାତ୍ରୀ ଦଳକୁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୁଭେଚ୍ଛା ଜଣାଇ ସାଇକେଲ ଯାତ୍ରାର ସଫଳ କାମନା କରିଥିଲେ।

ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାର ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଡ. ଅଦ୍ୱୈତ୍ୟ ପାତ୍ର, ସାମାଜିକ କର୍ମୀ ତଥା ବିଜୁ ମହିଳା ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ, ଭାଜପା ନଦୀ ସୁରକ୍ଷା

**ପରିବେଶ ପ୍ରଦୂଷଣମୁକ୍ତ, ଜନସଂଖ୍ୟା ନିୟନ୍ତ୍ରଣ ନେଇ ବାର୍ତ୍ତା ବାଣ୍ଟିବେ**

ସମିତି ନମାମୀ ଗଙ୍ଗେର ରାଜ୍ୟ ସହ ସଂଯୋଜକ ଅଜୟ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ବିଜେଡି ନେତା ବଳରାମ ସାହୁ, ଭାଜପା ନେତା ବିକାଶ ଚନ୍ଦ୍ର ଗିରି, ସରପଞ୍ଚ ସରୋଜ ପିଳା, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରାସାଦ ଦାସ, ସାମାଜିକ କର୍ମୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ମନୋଜ ସି, ପଞ୍ଚାନନ ପଣ୍ଡା, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଏହି ଅଭିଯାନକୁ ସମର୍ଥନ ଜଣାଇବା ସହିତ ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି କହିଥିଲେ। ଯେପରି ଦିନକୁ ଦିନ ପରିବେଶ ପ୍ରଦୂଷିତ ହେଉଛି ଏବଂ ଜନସଂଖ୍ୟା ହୁ ହୁ ହୋଇ ବଢୁଛି ଏ ବିଷୟରେ ବ୍ୟାପକ ଜନ ସଚେତନତା ଆବଶ୍ୟକ ରହିଛି। ବାଲିଆପାଳରୁ ଦିଲ୍ଲୀ ସାଇକେଲ ଯାତ୍ରା ଏହା ଏକ ସାଧାରଣ କଥା ନୁହେଁ ବୋଲି ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ବାଘାଯତୀନ ସ୍ମୃତି କମିଟି ସଭାପତି ଅରବିନ୍ଦ ବେହେରା ଏହି ଯାତ୍ରା ଦୀର୍ଘ ୨୨ରୁ ୨୫ ଦିନର ଯାତ୍ରା ବୋଲି କହିଛନ୍ତି। ବାଟରେ ବିଭିନ୍ନ ରାଜ୍ୟ ଦେଇ ଦିଲ୍ଲୀରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ବାର୍ତ୍ତା ଦେବାର ଅବକାଶ ରହିଥିବା ପ୍ରକାଶ କରିଥିଲେ। ଏହି ସାଇକେଲ ଯାତ୍ରାରେ କ୍ଷୀତିଶ କୁମାର ଜେନା, ମନ୍ମଥ ପାତ୍ର, ସଞ୍ଜୟ ପରିଡ଼ା, ନାରାୟଣ ପଣ୍ଡା, ଗଙ୍ଗାଧର ମହାନ୍ତି, ଜୟନ୍ତ ଜେନା, କୁମୁଦ ରଞ୍ଜନ ଜେନା, ସଞ୍ଜୟ ସେନାପତିଙ୍କ ସହିତ ବହୁ ସଦସ୍ୟ ସାମିଲ ହୋଇଛନ୍ତି।

